OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 5 Issue 1 [Jan- Feb] Year 2026*

IJCRM
International Journal of Contemporary Research In Multidisciplinary

*Review Article*

# ଆଧୁନିକତାର ପରିପ୍ରେକ୍ଷୀରେ ଫକୀରମୋହନଙ୍କ 'ଅଜାନାତି କଥା': ଏକ ଅଧ୍ୟୟନ

**ଆଲୋକ ରଞ୍ଜନ ଷଡ଼ଙ୍ଗୀ**

ଅଧ୍ୟାପକ,ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ବାଜିରାଉତ ସ୍ମୃତି ମହାବିଦ୍ୟାଳୟ, ଭୁବନ, ଢେଙ୍କାନାଳ।

**Corresponding Author:** * ଆଲୋକ ରଞ୍ଜନ ଷଡ଼ଙ୍ଗୀ

**DOI:** https://doi.org/10.5281/zenodo.20642007

**ସାରାଂଶ:**

ଫକୀରମୋହନ ସେନାପତିଙ୍କ କ୍ଷୁଦ୍ରଗଳ୍ପ 'ଅଜାନାତି କଥା'କୁ ଆଧୁନିକତାର ପରିପ୍ରେକ୍ଷୀରେ ବିଶ୍ଳେଷଣ କରାଯାଇଥିବା ଏହି ଆଲୋଚନାରେ ପ୍ରତିପାଦିତ ହୋଇଛି ଯେ ଫକୀରମୋହନ ଔପନିବେଶିକବାଦ ଓ ପାରମ୍ପରିକ ରଢ଼ିବାଦର ବିରୋଧରେ ଏକ ସନ୍ତୁଳିତ ଆଧୁନିକତାର ପରମ୍ପରା ନିର୍ମାଣ କରିଥିଲେ। 'ଅଜାନାତି କଥା' ଏକ ସତ୍ୟଘଟଣାମୂଳକ ରିପୋର୍ଟିଂ ଶୈଳୀର ରଚନା ଯାହା ଗଳ୍ପଧର୍ମର ପରିବର୍ତ୍ତେ ଉନବିଂଶ ଶତାବ୍ଦୀର ଶେଷଭାଗରେ ଓଡ଼ିଆ ଗଦ୍ୟସାହିତ୍ୟର ନବଜାଗରଣ ଓ ପାରମ୍ପରିକ ବିଶ୍ୱାସ ବନାମ୍ ନବ୍ୟବିଚାରବୋଧର ଦ୍ୱନ୍ଦ୍ୱକୁ ଉଦ୍‌ଘାଟିତ କରେ। ଅଜା ରାମ ଦ୍ୱିବେଦୀ ଓ ନାତି ଗଣପତିଙ୍କ କଥୋପକଥନ ମାଧ୍ୟମରେ ଲେଖକ ନିଜର ଆଧୁନିକ ଚେତନାର ପ୍ରତିଫଳନ ଘଟାଇଛନ୍ତି। ସମାଲୋଚକମାନଙ୍କ କଳାତ୍ମକତା ଓ ଶିଳ୍ପଗତ ଦୁର୍ବଳତାର ସମାଲୋଚନାକୁ ଖଣ୍ଡନ କରି ଏହି ରଚନାର ଐତିହାସିକ ଓ ସାମାଜିକ ମହତ୍ତ୍ୱକୁ ପ୍ରତିପାଦିତ କରାଯାଇଛି। ଅଜାନାତି କଥାକୁ ଓଡ଼ିଆ ସାହିତ୍ୟରେ ଗଦ୍ୟର ବିଜୟ ଓ ଯୌକ୍ତିକତାର ପ୍ରସାରର ଏକ ଶକ୍ତିଶାଳୀ ଦଲିଲ୍ ଭାବେ ଗ୍ରହଣ କରାଯାଇଛି ।

**Manuscript Information**

- **ISSN No:** 2583-7397
- **Received:** 10-01-2026
- **Accepted:** 25-02-2026
- **Published:** 28-02-2026
- **IJCRM:**5(1); 2026: 965-969
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଆଲୋକ ରଞ୍ଜନ ଷଡ଼ଙ୍ଗୀ. ଆଧୁନିକତାର ପରିପ୍ରେକ୍ଷୀରେ ଫକୀରମୋହନଙ୍କ 'ଅଜାନାତି କଥା': ଏକ ଅଧ୍ୟୟନ. Int J Contemp Res Multidiscip. 2026;5(1): 965-969.

**Access this Article Online**

www.multiarticlesjournal.com

**ପ୍ରମୁଖ ଶବ୍ଦାବଳୀ:** ଫକୀରମୋହନ ସେନାପତି, ଅଜାନାତି କଥା, ଆଧୁନିକତା, ଗଦ୍ୟସାହିତ୍ୟ, ନବଜାଗରଣ, ପାରମ୍ପରିକତା ବନାମ୍ ଆଧୁନିକତା


© 2026 ଆଲୋକ ରଞ୍ଜନ ଷଡ଼ଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପ୍ରସଙ୍ଗ

ଫକୀରମୋହନ ସେନାପତି ପ୍ରକୃତରେ ଜଣେ ଯୋଦ୍ଧାଥିଲେ । ଗୋଟେପଟେ ଔପନିବେଶିକବାଦର ପ୍ରଭୁତ୍ୱରୁ ମୁକ୍ତ ହେବାର ଲଢେଇ ଅପର ପକ୍ଷରେ ସ୍ୱଦେଶର ରଢିବାଦୀ ପାରମ୍ପରିକ ଅପସଂସ୍କାରରୁ ସମାଜର ମଣିଷମାନଙ୍କ ଜଟିଳ ମାନିସିକତାକୁ ସରଳୀକୃତ କରିବାର ଲଢେଇ। କହିପାରିବା ଫକୀରମୋହନ ଏକକାଳୀନ ଦୁଇଟି ଚେତନା ସହ ଲଢେଇ କରି ଏକ ଆଧୁନିକତାର ପରମ୍ପରା ନିର୍ମାଣ କରିଥିଲେ । ଯେଉଁଠି ସବୁ ଆଧୁନିକତା ଗ୍ରାହ୍ୟ ନୁହଁ କି ସବୁ ପାରମ୍ପରିକତା ଅଗ୍ରାହ୍ୟ ନୁହଁ । ଫକୀରମୋହନଙ୍କ ଆଧୁନିକ ଦୃଷ୍ଟିଭଙ୍ଗୀର ବ୍ୟାକରଣକୁ ନବୁଝିଲେ ତାଙ୍କ ସାହିତ୍ୟ କୃତିଗୁଡିକ ପରସ୍ପର ବିରୋଧାଭାସ ସୃଷ୍ଟି କରିବେ। ପାଠକ ତାଙ୍କର ନବଚେତନା ସହ ସଂଶ୍ଳିଷ୍ଟ ନହେଲେ ଫକୀରମୋହନଙ୍କୁ ଜଣେ ସଂଶୟବାଦୀ ସ୍ରଷ୍ଟା ଭାବରେ ଧାରଣା କରି ବସିବେ । ତେଣୁ ତାଙ୍କର ଉପରୋକ୍ତ ଆଧୁନିକତାକୁ ବୁଝି ନେବା ଆବଶ୍ୟକ ।

ଫକୀରମୋହନଙ୍କ ଗଦ୍ୟସାହିତ୍ୟ ସମକାଳର ସକଳ କ୍ରିୟା ପ୍ରତିକ୍ରିୟାର ସାହିତି୍ୟକ ନକଲ। ପଦ୍ୟମୟ ଭାବବିହ୍ୱଳ ରସିକ ପଣ୍ଡିତଙ୍କୁ ଆଧାତ୍ମିକ,ଅତିକାଳ୍ପନିକ,ଯୋଗାଚାର ତନ୍ତ୍ରାଦି ସାଧନାରୁ ଉଦ୍ଧାରି ଗଦ୍ୟମୟ ଗହନ କାନନରେ ଚିନ୍ତନ,ମନନ କରିବାର ଏବଂ ମଣିଷ ଛାତିର ସ୍ୱର ଓ ସ୍ୱାକ୍ଷରକୁ ଛୁଇଁବାର ସାହାସିକତା ଦେଖାଇ ଯୁଗୀୟ ଧ୍ୱନିକୁ ପାଠକଙ୍କୁ ଶୁଣାଇ ପାରିଥିଲେ ଫକୀର ମୋହନ ସେନାପତି । ଫକୀର ମୋହନଙ୍କ ସାହିତ୍ୟ କେବଳ ବିମୁଗ୍ଧ ଉଚ୍ଚାରଣ ନୁହଁ କିମ୍ବା ରସ ସୌନ୍ଦର୍ଯ୍ୟ ବିମଣ୍ଡିତ କମନୀୟ ସ୍ୱରୂପ ନୁହେଁ ବରଂ ତାହା ହେଉଛି ଯୁଗଧର୍ମୀ ମଣିଷମାନଙ୍କର ଆହ୍ୱାନ। ମଣିଷକୁ ନେଇ ମଣିଷର ଅଧିକାର ପାଇଁ,ମଣିଷ ମଣିଷ ଭିତରର ଦ୍ୱନ୍ଦ୍ୱକୁ ନେଇ ତାଙ୍କ ସାହିତ୍ୟ ଭୋଗିଥାଏ ତର୍କବିତର୍କର ମହାନୁଭବ। ସେହିପରି ଏକ ତର୍କବିତର୍କର ମହାନୁଭବକୁ ନେଇ ରଚନା କରାଯାଇଥିବା ଫକୀର ମୋହନଙ୍କ 'ଅଜାନାତି କଥା'ରେ କିପରି ଯୁଗୀୟ ଆହ୍ୱାନ ଶୁଣିବାକୁ ମିଳେ ତାହା ବିଚାର୍ଯ୍ୟ ।

ଫକୀର ମୋହନଙ୍କ 'ଅଜାନାତି କଥା' ୧୯୧୪ ମସିହା ଏପ୍ରିଲ୍ ମାସରେ 'ଉତ୍କଳ ସାହିତ୍ୟ' ପତ୍ରିକାର ଊନବିଂଶ ବର୍ଷ ପ୍ରଥମ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ଏହା ଏକ ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଫକୀର ମୋହନ ସେନାପତି ନିଜେ ସ୍ୱୀକାର କରିଛନ୍ତି । ଏଥିରେ ଅଜା ରାମ ଦ୍ୱିବେଦୀ ଓ ନାତି ଗଣପତି ଦି'ଟା ଚରିତ୍ର । ସଂପୂର୍ଣ୍ଣ ଗଳ୍ପଟି କଥୋପକଥନ ଶୈଳୀରେ ରଚିତ। 'ଅଜାନାତି କଥା'ର କଥାଭାଗରୁ ଜଣାଯାଏ ଯେ ଏହି ଗଳ୍ପ(?)ର ସଂପର୍କ ଫକୀର ମୋହନଙ୍କ ଆଉ ଏକ ଗଳ୍ପ 'ମୌନାମୌନି' ସହ ଜଡିତ ଯାହାକି ଜୁନ୍ ୧୯୦୭ ମସିହା ମୁକୁର ପତ୍ରିକାର ଦ୍ୱିତୀୟ ବର୍ଷ ଦ୍ୱିତୀୟ ସଂଖ୍ୟାରେ ପ୍ରକାଶିତ ହୋଇଥିଲା। (ଭୁଲବଶତଃ ଫକୀରମୋହନ 'ଅଜାନାତିକଥା' ଗଳ୍ପରେ ମୌନାମୌନି ଗଳ୍ପ ସାହିତ୍ୟରେ ପ୍ରକାଶିତ କହିଦେଇଛନ୍ତି ) । ଉକ୍ତ ମୌନାମୌନି ଗଳ୍ପରେ ବର୍ଣ୍ଣିତ ଦୁଇଜଣ ଚୋରଚୋରଣୀ ବାବାଜୀ ମାତାଜୀ ଭାବରେ ଖଣ୍ଡଗିରିରେ ଲୁଚିରହି ତପସ୍ୟା କରିବା ଓ ପରବର୍ତ୍ତୀ ସମୟରେ ତାଙ୍କୁ ପୋଲିସ ଚାଲାଣ କରିବା ଘଟଣାକୁ ଅଜା ରାମ ଦ୍ୱିବେଦୀ ସତ ଭାବି ପୁରୀ କଚେରୀରେ ଓକିଲମାନଙ୍କୁ ପଚରାଉଚୁରା କରିଛନ୍ତି ଏବଂ ଘଟଣାର ସତ୍ୟାସତ୍ୟ ବୁଝୁବୁଝୁ ଜାଣିଛନ୍ତି ଯେ ସେଠି ସେମିତି କିଛି ଘଟଣା ଘଟିନି। ନାତି ଗଣପତିଙ୍କୁ ଯେତେବେଳେ କହିଛନ୍ତି ଯେ ସେ ପଢି ଶୁଣାଇଥିବା କଥାଟି ମିଛ, ନାତି ଉତ୍ତର ଦେଇଛି-"ନାହିଁ ନାହିଁ ଅଜା ସେଇଟା ଗେଜେଟ୍ ନୁହେଁ, ସେଇଟା 'ସାହିତ୍ୟ' ମାସିକ ପତ୍ରିକା । ସେଥିରେ ମଉନାମଉନି ବୋଲି ଗୋଟିଏ ଗଳ୍ପ ଲେଖାଥିଲା ସେଇଟା ପଢି ଶୁଣାଉଥିଲି।" ଉତ୍ତର ଶୁଣି ନାତି ପଢୁଥିବା ସାହିତ୍ୟକୁ ଅଜା ମିଛକଥା କହିବା ସହ ସେ ନିଜେ ପଢୁଥିବା ପୁରାଣରେ ଆଦୌ ମିଛ ଲେଖାଯାଏନି ବୋଲି ଦୃଷ୍ଟାନ୍ତ ଦେଇଛନ୍ତି । ଏହି ପୃଷ୍ଠଭୂମିରୁ ହିଁ ଉଭୟଙ୍କ ଭିତରେ ଯୁକ୍ତି ତର୍କ ଆରମ୍ଭ ହୋଇଛି । ନାତି ଗଣପତି ପୁରାଣର ବିଭିନ୍ନ ଘଟଣା ଚିତ୍ରରୁ ଉଦାହରଣ ନେଇ ପୁରାଣରେ କିପରି ମିଛକଥା ଲେଖାହେଲା ବୋଲି ଓଲଟ ପ୍ରଶ୍ନ କରିଛି ଏବଂ ନୂଆକରି ପାଦ ଥାପିଥିବା ସାହିତ୍ୟର ନୂତନ ବିଭାଗ(ଗଳ୍ପ,ଉପନ୍ୟାସ,ନାଟକ,ପ୍ରବନ୍ଧ) ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବାର ପ୍ରୟାସ କରିଛି । ନାତି ଗଣପତି କାନ୍ଥରେ ଅଙ୍କାହୋଇଥିବା କୃଷ୍ଣଙ୍କର ଚିତ୍ର,ମହାଭାରତର ବନପର୍ବର ଅଜଗର ସାପଟିଏ ଭୀମଙ୍କୁ ଗିଳିବା ଏବଂ ଯୁଧିଷ୍ଠିରଙ୍କ ସହ କଥାବାର୍ତ୍ତା ହେବା, ମହାଭାରତର ଅନ୍ୟ ଏକ କାହାଣୀ ଯାହାକି ଶୁଆକୁ କେନ୍ଦ୍ରକରି ଗଢିଉଠିଥିଲା ସେଇ ଶୁଆ ଚାଉଳ କୁଟିବା, ପୁଣି ପୁତନା ସଂପର୍କକରେ ବିଭିନ୍ନ ପୁରାଣରେ ବର୍ଣ୍ଣିତ କଥାର ବୈଷମ୍ୟତା ଏବଂ ଯଦି ପୁତନା ଉଣେଇଶି ଯୋଜନ ମାଡିପଡିଥିଲା ତେବେ ଗୋପପୁରର ଆୟତନ ଅନୁଯାୟୀ ସେଠି ତ ସମସ୍ତେ ଚାପିହୋଇ ଯିବାକଥା ବୋଲି ବିଭିନ୍ନ ପ୍ରସଙ୍ଗକୁ ନେଇ ଅଜାସହ ତର୍କ କରିଛି । ନାତି ଗଣପତି ଏ ସବୁ ତର୍କବିତର୍କ କରିସାରି ସାହିତ୍ୟର ଏକ ପରିଭାଷା ନିରୂପଣ କରି କହିଛି-"ଜାଣ ତ ଅଜା,ପୁରାଣ ବୋଲ କି ଉପନ୍ୟାସ କି ଗଳ୍ପ ବୋଲ, ଲୋକଶିକ୍ଷା ଲାଗି କବିମାନେ ଏହିପରି ଲେଖିଯାଇଛନ୍ତି । ପୁରାଣ ଅର୍ଥ କଣ ନା ପୁରୁଣା କଥା । ଆଜିକାଲି ଯେ ଉପନ୍ୟାସ ସବୁ ବାହାରୁଛି , ତାକୁ ହଜାର ବରଷ ଉତ୍ତାରେ ଲୋକମାନେ ପଢିଲେ, କେହି କେହି ସତ ବୋଲି ମଣିବା ଆଶ୍ଚର୍ଯ୍ୟ ନୁହଁ ।'' ନାତିର ଏତକ ଯୁକ୍ତିରେ ଅଜା ସାମାନ୍ୟ ନରମିଥିଲର ସୁଦ୍ଧା ତାଙ୍କମନକୁ ବୁଝାଇ ପାରି ନାହାନ୍ତି , ସେ କହିଛନ୍ତି ''ନାହିଁରେ ଗଣି । ମୋ ମନ ମାନୁ ନାହିଁ ,ଆଚ୍ଛା ମୁଁ ପଣ୍ଡିତ ରାମମିଶ୍ରଙ୍କୁ ଏକଥା ପଚାରି କହିବି।'' ଏହା ହିଁ ହେଉଛି 'ଅଜାନାତି କଥା'ର କଥାବସ୍ତୁ । ତେବେ ଅଳ୍ପ ଆଲୋଚିତ ଏଇ ଗଳ୍ପଟିକୁ ଆମେ ବିଶଦ ଭାବରେ ଆଲୋଚନା କଲାପରେ ହିଁ ତା ଭିତରେ ରହିଥିବା ମହତ୍ୱବୋଧକୁ ଅନୁଭବ କରିପାରିବା ।

'ଅଜାନାତିକଥା'କୁ ନେଇ ରହିଥିବା ସ୍ୱକୀୟ ସମୀକ୍ଷାତ୍ମକ ମନ୍ତବ୍ୟର ଆଲୋଚନା ପୂର୍ବରୁ ଆଲୋଚ୍ୟ ଗଳ୍ପକୁ ନେଇ ଫକୀରମୋହନଙ୍କ ସମୀକ୍ଷକଙ୍କ ମତମନ୍ତବ୍ୟକୁ ଉପସ୍ଥାପନ କରାଯାଇପାରେ । ଗବେଷକ ନଟବର ସାମନ୍ତରାୟ ତାଙ୍କର ଫକୀରମୋହନ ସାହିତ୍ୟ ସମୀକ୍ଷା ପୁସ୍ତକରେ ଅଜାନାତିକଥାର କଳାତ୍ମକହୀନତା ତଥା ସାହିତି୍ୟକ ସତ୍ୟବୋଧ ରହିତ ସୃଷ୍ଟିଭାବରେ ବିବେଚନା କରି ଲେଖିଛନ୍ତି " 'ଅଜାନାତି କଥା'ରେ କେବଳ ଅଜାନାତିଙ୍କ କଥା ଓ ବାର୍ତ୍ତା ଅଛି। ସେନାପତିଙ୍କ ଅନ୍ୟ କ୍ଷୁଦ୍ରଗଳ୍ପ ପଢିଲେ ତାହା ଉପରେ ଯେଉଁ ଧାରଣା ଜାତ ହୁଏ, ତାହାର ଆଭାସ ଏଥିରେ ନାହିଁ । ***ଏ ଘଟଣାଗୁଡିକରେ ବାସ୍ତବ ସଂସାରର ସତ୍ୟ ନିହିତ ହୋଇଛି କିନ୍ତୁ ଏମାନଙ୍କୁ ସାହିତି୍ୟକ ସତ୍ୟବୋଧରେ ଜୀବନ୍ତ କରିବା ପାଇଁ ସେନାପତି ଆଦୌ ସଚେତନ ହୋଇନାହାନ୍ତି।" ସେନାପତିଙ୍କ ସାହିତ୍ୟର ଆଉ ଜଣେ ପ୍ରବୀଣ ଆଲୋଚକ ବାଳକୃଷ୍ଣ ଶତପଥି ତାଙ୍କ କୃତି ଓ କୃତିତ୍ୱରେ ଆଲୋଚ୍ୟ ଗଳ୍ପ ସଂର୍ପକରେ ଆଭାସ ସୂତ୍ରରେ ମନ୍ତବ୍ୟ ଦେଇ କୁହନ୍ତି "ତାଙ୍କର ସମଗ୍ର କଥା ସୃଷ୍ଟି (୪ଟି ଉପନ୍ୟାସ ୨୦ଟି ଗପ ) ମଧ୍ୟରୁ ୩ଟି ମାତ୍ର କ୍ଷୁଦ୍ରଗଳ୍ପ ସତ୍ୟଘଟଣାମୂଳକ। ଘଟନାର ଅନୁପୂର୍ବକ ବର୍ଣ୍ଣନା, ଆବେଦନପୂର୍ଣ୍ଣ ଭାଷା ଓ ରୀତିରେ ସେହି ତିନୋଟି ସତ୍ୟଘଟଣାମୂଳକ


© 2026 ଆଲୋକ ରଞ୍ଜନ ଷଡ଼ଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

କ୍ଷୁଦ୍ରଗଳ୍ପରେ (ବାଲେଶ୍ୱର ରାହାଜାନୀ, ବାଲେଶ୍ୱର ପାଙ୍ଗାଲୁଣ ଓ ଅଜାନାତିକଥା) ଦିଆଯାଇଛି କେବଳ । ଉପାଦାନର ସତ୍ୟତା ପ୍ରତି ଶିଳ୍ପୀ ସେଠି ଅତିମାତ୍ରାରେ ବିଶ୍ୱସ୍ତ । କୌଣସି ଏକ ବାସ୍ତବ ଘଟଣା ଶିଳ୍ପୀର କଳ୍ପନା ଶକ୍ତିରେ ପୁନରୁଜ୍ଜୀବିତ ହୋଇପାରି ନାହିଁ ସେଥିରେ।"

ଠିକ୍ ସେହିପରି ଗବେଷକ ନୃସିଂହ ଷଡଙ୍ଗୀ ମଧ୍ୟ ଅଜାନାତିକଥାରେ ଗଳ୍ପକାରିତାର ଦୈନ୍ୟତାକୁ ସୂଚିତ କରିଛନ୍ତି । ଫକୀରମୋହନଙ୍କ ଗଳ୍ପଜଗତ : ଶିଳ୍ପରୀତିରେ ଦେଇଥିବା ମନ୍ତବ୍ୟକୁ ଏଠି ଅବିକଳ ଉଦ୍ଧାର କରାଯାଇପାରେ - " ଫକୀରମୋହନ ପ୍ରତିଭାର ଦାରୁଣ ବିପର୍ଯ୍ୟୟର ଚରମ ସଙ୍କେତ ହିଁ ବହନ କରିଛି 'ଅଜାନାତିକଥା' ଗଳ୍ପ । ଗଳ୍ପର ପରିବେଷଣ ଶୈଳୀ ନାଟକୀୟ ହେଲେ ହେଁ ପ୍ରବନ୍ଧ ସୁଲଭ ଭାଷା ପ୍ରୟୋଗ ଓ ନୀରସ ଉପସ୍ଥାପନା ଗଳ୍ପଟିକୁ ପ୍ରବନ୍ଧଧର୍ମୀ ହିଁ କରିଦେଇଛି। ରେବତୀରେ ଯେଉଁ ପ୍ରଚଣ୍ଡ ଦ୍ୟୋତନା ପ୍ରକାଶ କରିଥିଲା 'ଅଜାନାତିକଥା' ଗଳ୍ପରେ ସେହି ପ୍ରତିଭାର ଦୈନ୍ୟ ଦେଖି କେବଳ ହତାଶା ଓ ନୈରାଶ୍ୟର ଦୀର୍ଘଶ୍ୱାସ ଛାଡିବାକୁ ହୁଏ । ଗଳ୍ପଟି ପ୍ରଥମେ ପ୍ରକାଶିତ ହୋଇଥିଲା 'ଉତ୍କଳ ସାହିତ୍ୟ' ପତ୍ରିକାରେ ୧୯ଶ ଭାଗ ୧ମ ସଂଖ୍ୟା (୧୯୧୫ ଏପ୍ରିଲ୍)ରେ। ଏହି ଗଳ୍ପ ରଚନା ବେଳକୁ ଫକୀରମୋହନଙ୍କ ଜୀବନ ସୂର୍ଯ୍ୟ ଦିଗବଳୟ ସେପଟେ ହଜିଯିବାକୁ ଆଉ କେତୋଟି ବର୍ଷଥିଲା । ତେଣୁ ତାଙ୍କ ସ୍ମୃତିଶକ୍ତି ଏତେବେଳକୁ କ୍ଷୀଣ ହୋଇଯାଇଥିଲା। ଆଲୋଚ୍ୟ ଗଳ୍ପରେ ତାଙ୍କ ସ୍ମୃତିବିଭ୍ରାଟର ଏକ ନମୁନାକୁ ଦେଖାଯାଇ ପାରେ। ଆଲୋଚ୍ୟ ଗଳ୍ପରେ ଅଜା ରାମ ଦ୍ୱିବେଦୀଙ୍କ ନାତିଗଣପତି କହିଛି " ନାହିଁ ନାହିଁ ଅଜା , ସେଇଟା ଗେଜେଟ୍ ନୁହେଁ ସେଇଟା 'ସାହିତ୍ୟ' ମାସିକ ପତ୍ରିକା । ସେଥିରେ ମଉନାମଉନି ବୋଲି ଗୋଟିଏ ଗଳ୍ପ ଲେଖିଥଲା ସେଇଟା ପଢି ଶୁଣାଉଥିଲି।" ଏଠାରେ ଏହା ଲକ୍ଷଣୀୟ ଓ ଉଲ୍ଲେଖଯୋଗ୍ୟ ଯେ 'ମଉନାମଉନି' ଗଳ୍ପ ସାହିତ୍ୟ (ଉତ୍କଳ ସାହିତ୍ୟ)ରେ ନୁହଁ , ଏହା ମୁକୁରରେ ୧୯୦୭ ମସିହା ମେ ମାସରେ ପ୍ରକାଶିତ ହୋଇଥିଲା। ଏଥିରୁ ଅନୁମେୟ ଯେ ୧୯୧୫ ମସିହା ବେଳକୁ ଜୀବନଯନ୍ତ୍ରଣାରେ ବ୍ୟଥିତ ଫକୀରମୋହନ ପ୍ରତିଭା ନିହାତି କରୁଣା , ନିତ୍ୟାନ୍ତ ଦୈନ୍ୟ ହୋଇପଡିଥିଲା। ଏହି ଦାରୁଣ କାଳର ଏକ ଦୁର୍ବଳ ସୃଷ୍ଟି ହେଉଛି ଅଜାନାତି କଥା ଗଳ୍ପ । ସମଗ୍ର ଗଳ୍ପଟିରେ କ୍ଷୁଦ୍ରଗଳ୍ପ ସୃଷ୍ଟି ସମ୍ପର୍କୀୟ ଏକ ତାତ୍ତ୍ୱିକ ବିବରଣୀ ଦିଆଯାଇଛି।" 'ଅଜାନାତିକଥା'କୁ ନେଇ ଉପରୋକ୍ତ ସମସ୍ତ ଆଲୋଚକଙ୍କ ମନ୍ତବ୍ୟକୁ ଶୁଣିସାରିଲା ପରେ କିଛି କଥା ମନକୁ ଆସୁଛି -

୧-ରେବତୀ ଗଳ୍ପର ସଫଳତାକୁ ମାନଦଣ୍ଡ କରି ତା ତୁଳନାରେ ତଉଳି ଫକୀରମୋହନଙ୍କ ଅନ୍ୟଗଳ୍ପ ତଥା ରଚନାକୁ ଅନୁନ୍ନତ କହି ତାହା ପ୍ରତିଭାର ଦୈନ୍ୟ କହିବା ଭାବପ୍ରବଣ ଆଲୋଚନା ବ୍ୟତୀତ କିଛି ନୁହଁ । କାରଣ ପ୍ରତିଟି ଲେଖାର ସ୍ୱତନ୍ତ୍ର ଆବେଦନ ଥାଏ , ସ୍ୱତନ୍ତ୍ର ଉଦ୍ଦେଶ୍ୟଥାଏ ।

୨-ଅଜାନାତିକଥାରେ ଫକୀରମୋହନ ଭୁଲବଶତଃ ନିଜର ମୌନାମୌନି ଗଳ୍ପ ସାହିତ୍ୟରେ ପ୍ରକାଶିତ କହିଦେବାକୁ ସ୍ମୃତିବିଭ୍ରାଟ ଭାବରେ ବିଚାର କରାଯାଇପାରିବ ନାହିଁ। କାରଣ ସେହି ଲେଖକ ପରବର୍ତ୍ତୀ ସମୟରେ ପାଠୋଇବୋହୂ ଅଧର୍ମବିତ୍ତ, ମାଧବମହାନ୍ତିଙ୍କ କନ୍ୟାସୁନା ଏବଂ ଶେଷ ତଥା ସଫଳ ଗାରୁଡିମନ୍ତ୍ରଗଳ୍ପ ରଚାନା କରୁଛି । ଜଣେ ସ୍ମୃତିବିଭ୍ରାଟ ଘଟିଥିବା ଲେଖକ କେବେ ବି ଅଧର୍ମବିତ୍ତ ପରି ଦୀର୍ଘ ଗଳ୍ପକୁ ଘଟଣାର ଐକ୍ୟ ଓ ଲକ୍ଷ୍ୟକୁ ବଜାୟ ରଖି ଶେଷଯାଏ ଲେଖିପାରିବ କି ? ତାପରେ ଯେଉଁ ଅଜାନାତିକଥାରେ ପ୍ରତିଭା ତଥା ଲେଖକ କଳ୍ପନାର ଅପୂର୍ବ କଳାତ୍ମକତା ନାହିଁ କୁହାଯାଉଛି ସେଠି ପୁଣି ଐତିହାସିକ ସାମାନ୍ୟ ତ୍ରୁଟିକୁ ଅବଲମ୍ବନ କରି ପ୍ରତିଭାର ଦୈନ୍ୟ ଘଟିଲା ବୋଲି ସିଦ୍ଧାନ୍ତ ଦିଆଯାଉଛି । ଏହା ନିଜ ମନ୍ତବ୍ୟରେ ଥିବା ବିରୋଧାଭାସ ଜଣ୍ଣାଉ ନାହିଁ କି ?

୩-ଶେଷ ଓ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗଳ୍ପସ୍ୱଳ୍ପ ପ୍ରକାଶନର ସାତମାସ ପରେ ଫକୀରମୋହନଙ୍କ ଦେହାନ୍ତ ଘଟିଥିଲା । ଦେହାନ୍ତ ପରେ ମୋହିନୀମୋହନ ନିଜ ପିତାଙ୍କ ପୁସ୍ତକର ନୂତନ ସଂସ୍କରଣ କରିବା କ୍ରମରେ ଗଳ୍ପସ୍ୱଳ୍ପର ଦ୍ୱିତୀୟଭାଗ ୧୯୨୪ରେ ପ୍ରକାଶ କରିଥିଲେ । ନୂତନ ସଂସ୍କକରଣ ସମୟରେ ସେ ପୁସ୍ତକର ନାମକରଣ ସହ କିଛି ଯୋଡିବା କାମ କରି ଗଳ୍ପ ସଂଖ୍ୟା କୋଡିଏ କରିଥିଲେ । ଏହି ସମୟରେ 'ଅଜାନାତିକଥା'କୁ ସେ ଗଳ୍ପସ୍ୱଳ୍ପରେ ଯୋଡୁଛନ୍ତି। ପୁଣି ଫକୀରମୋହନ ସେନାପତି ଅଜାନାତିକଥାକୁ କୌଣସି ଜାଗାରେ ଗଳ୍ପ ବୋଲି ଘୋଷଣା କରି ନାହାନ୍ତି । ବରଂ ଧୂଳିଆବାବାକୁ ଆଂଶିକ ସତ୍ୟ କହୁଥିବା ବେଳେ ଅଜାନାତି କଥାକୁ ସତ୍ୟଘଟଣା ଆଧାରିତ ରଚନା ବୋଲି ସ୍ୱୀକାର କରିଛନ୍ତି । ତେଣୁ ଯାହା ଗଳ୍ପ ହିଁ ନୁହଁ ସେଥିରେ ଗଳ୍ପଧର୍ମ ଖୋଜିବା ନିହାତି ବୋକାମିର କାମ। ତେଣୁ ନଟବର ସାମନ୍ତରାୟ ଏଥିରେ ସାହିତ୍ୟିକ ସତ୍ୟବୋଧ ଖୋଜିବା , ବାଳକୃଷ୍ଣ ଶତପଥି ଶିଳ୍ପୀର କଳ୍ପନାଶକ୍ତି ମାପିବା କିମ୍ବା ନୃସିଂହ ଷଡଙ୍ଗୀ ପ୍ରତିଭାର ଦୈନ୍ୟତା ଦେଖି ହତାଶାର ଦୀର୍ଘଶ୍ୱାସ ଛାଡିବା ସମ୍ପୂର୍ଣ୍ଣ ଭାବରେ ଅମୂଳକ ।

୪-ଗଳ୍ପକଳା ଦୃଷ୍ଟିରୁ ଅଜାନାତି କଥା ଦୁର୍ବଳ କାରଣ ତାହା ଗଳ୍ପ ହିଁ ନୁହଁ କିନ୍ତୁ ତା ଅର୍ଥ ଆଦୌ ନୁହଁ ଯେ ଅଜାନାତିକଥା ଏକ ନୀରସ ସୃଷ୍ଟି ।

ଅଜାନାତିକଥାର ସଂରଚାଗତ ଦୁର୍ବଳତାକୁ ଗୁରୁତ୍ୱ ଦେଇ ତାର ଭାବଗତ ବିଶେଷତ୍ୱକୁ ପ୍ରାୟତଃ ସମସ୍ତ ଆଲୋଚକ ଅଣଦେଖା କରିଛନ୍ତି । ତେଣୁ ଉନବିଂଶ ତଥା ବିଂଶଶତକର ଆଦ୍ୟଭାଗର ସାମାଜିକ ସାଂସ୍କୃତିକ ଅବବୋଧ ପରିପ୍ରେକ୍ଷୀରେ ଅଜାନାତିକଥାର କିଛି ନୂତନ ତଥ୍ୟ ଓ ସତ୍ୟ ସଂର୍ପକରେ ଅବଗତ ହେବା ଅତି ଆବଶ୍ୟକ ।

ପ୍ରଥମତଃ,ଉନବିଂଶ ଶତକରେ ସୃଷ୍ଟିଲାଭ କରିଥିବା ଗଦ୍ୟ ସାହିତ୍ୟ ପାଇଁ ମିଶନାରୀମାନଙ୍କ ଉଦ୍ୟମ ଓ ଓଡିଆ ଭାଷାପ୍ରେମୀଙ୍କ ଅକ୍ଳାନ୍ତ ପରିଶ୍ରମ ସଂର୍ପକରେ ଆମେ ସମସ୍ତେ ଅବଗତ । ମାତ୍ର ଉତ୍କଳୀୟ ସମାଜର ତୃଣମୂଳ ସ୍ତରରେ ଗଦ୍ୟ ସାହିତ୍ୟର ବିଭିନ୍ନ ବିଭାଗ ଯଥା-ଗପ,ଉପନ୍ୟାସ,ନାଟକ,ପ୍ରବନ୍ଧ, ଆଲୋଚନାର ପ୍ରଭାବ ଓ ପ୍ରତିକ୍ରିୟା କ'ଣ ଥିଲା ସେ ସଂର୍ପକରେ ଆମ ଇତିହାସ ସଂପୂର୍ଣ୍ଣ ନୀରବ ନହେଲେ ବି ଯଥେଷ୍ଟ ପ୍ରଗଲ୍ଭ ମନେହୁଏ ନାହିଁ । ଏ ପ୍ରଭାବ ଓ ପ୍ରତିକ୍ରିୟା ଏଥିପାଇଁ ଜରୁରୀ ମନେହୁଏ ଯେ ଉତ୍କଳୀୟ ପାଠକଙ୍କ ନିକଟରେ ଗଦ୍ୟସାହିତ୍ୟ ଏକବାରେ ନୂଆ ଏବଂ ସେଥିରେ ବର୍ଣ୍ଣିତ ମଣିଷ,ଭାଷା,ପରିବେଶ ଓ ଉପସ୍ଥାପନା କୌଶଳ ମହାଭାରତ,ଭାଗବତ,ରାମାୟଣ, ଲାବଣ୍ୟବତୀ , ରସକଲ୍ଲୋଳ ଇତ୍ୟାଦି କାବ୍ୟ ମହାକାବ୍ୟ,ପୁରାଣ ମହାପୁରାଣଠାରୁ ସ୍ୱତନ୍ତ୍ର । ତେବେ ଯେଉଁମାନଙ୍କ ଶିକ୍ଷାଦୀକ୍ଷା ପୁରାଣାଶ୍ରିତ ଓ ପୁରାଣରେ ସୀମିତ ସେମାନେ ଏହି ନବସୃଷ୍ଟି ପ୍ରତି କେଉଁ ଦୃଷ୍ଟି ଅବଲମ୍ବନ କରିଥିବେ ଜାଣିବା ଆମ ପାଇଁ ଏକ ବଡ ପ୍ରଶ୍ନ । ଫକୀର ମୋହନଙ୍କ ଛ'ମାଣ ଆଠଗୁଣ୍ଠ ପଢି ସେ ସମୟରେ କିଛି ମଫସଲିଆ ଲୋକ ତାକୁ ସତ ଘଟଣା ମନେକରି ରାମଚନ୍ଦ୍ର ମଙ୍ଗରାଜର ମକଦ୍ଦମା ଦେଖିବାକୁ କଟକ କଚେରୀକୁ ଆସିବା ଯେପରି ତତ୍କାଳୀନ ଜନସାଧାରଣଙ୍କ ମାନସରେ ନୂତନ ସାହିତ୍ୟର ପ୍ରଭାବକୁ ସ୍ପଷ୍ଟ କରେ ଠିକ୍ ସେହିପରି 'ଅଜାନାତି କଥା'ରୁ ମଧ୍ୟ ଗଦ୍ୟସାହିତ୍ୟର/ନବ୍ୟସାହିତ୍ୟର ପ୍ରଭାବ ସାଧାରଣ ଜନତାଙ୍କ ଉପରେ କିଭଳି ଥିଲା ଅନୁଭବ କରିହୁଏ । ନବ୍ୟଶିକ୍ଷିତ ମାନେ ନୂତନ ସାହିତ୍ୟର ନୂତନ ଦିଗଦର୍ଶନକୁ ସାଦରେ ଆପଣାଇ


© 2026 ଆଲୋକ ରଞ୍ଜନ ଷଡ଼ଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ନେଲା ବେଳେ ମଫସଲିଆ ଓ ରକ୍ଷଣଶୀଳ ଚିନ୍ତାଧାରୀଙ୍କ ମହଲରେ ତାହା 'ମିଛକଥା' ବୋଲି ଗ୍ରହଣ ହେଉଥିଲା । ସେହି ପ୍ରଭାବ କିପରି ଭାବରେ ଜନସମାଜରେ କୌତୁହଳ ଓ ଦ୍ୱନ୍ଦ୍ୱ ଉତ୍ପନ୍ନ କରୁଥିଲା 'ଅଜାନାତି କଥା' ଆରମ୍ଭର କିୟଦଂଶ ମାଧ୍ୟମରେ ଜାଣିହେବ-

*"**ଅଜା ରାମ ଦ୍ୱିବେଦୀଏ**-ଆରେ ଗଣି ! ଆମ ଜମିର ରୋଡ଼ସେସ୍ ଟଙ୍କା ଦାଖଲ ଲାଗି କଚେରୀକୁ ଯାଇଥିଲି । କାଲି ସଞ୍ଜବେଳେ ଘରକୁ ଫେରିଆସିଛି । ଆମ ମୁକ୍ତାର ରାମ ମିଶ୍ରେ ,ଆଉ ଦି'ଚାରି ଜଣ ଓକିଲଙ୍କୁ ପଚାରିଲି,କାହିଁ କେହିତ ସେ ମକଦ୍ଦମା କଥା ଶୁଣିଥିବାର କହିଲେ ନାହିଁ ! ପୁରୀ ସହର ଭିତରେ ବି କେତେ ଲୋକଙ୍କ ସାଙ୍ଗରେ ଦେଖାହେଲା । ଯାହାକୁ ପଚାରିଲି ,ସମସ୍ତେ କହିଲେ,ପୁରୀରେ ଏ କଥା ଶୁଣାନାହିଁ । ଏ କିମିତିକା କଥାରେ ?*

***ନାତି ଗଣପତି***- *କେଉଁ ମକଦ୍ଦମା କଥା ଅଜା ?*

***ଅଜା***-*ଆରେ, ତୁ ସେଦିନ ପରା ଗେଜେଟରେ ପଢ଼ି ଶୁଣାଉଥିଲୁ,ଗୋଟେ ମାଇକିନିଆ,ଗୋଟିଏ ପୁରୁଷ, ଦୁଇଜଣ ଚୋର-ଚୋରଣୀ ,ମଉନା-ମଉନୀ ବାବାଜୀ ସାଜି ଖଣ୍ଡଗିରିର ଗୋଟିଏ ଗୁହା ଭିତରେ ବସି ମିଛରେ ତପସ୍ୟା କରୁଥିଲେ । ପୁଲିସ ସେମାନଙ୍କୁ ଚଲାଣ ଦେଲା । ମେଜେଷ୍ଟର୍ ସାହେବ ଦି ଦି ବରଷ ମିଆଦ ଦେଲେ ।*

***ଗଣପତି***- *ହୋଃ ହୋଃ ହୋଃ ! ଏଇ କଥା ! ନାହିଁ ନାହିଁ ଅଜା ,ସେଇଟା ଗେଜେଟ୍ ନୁହଁ ,ସେଇଟା 'ସାହିତ୍ୟ' ମାସିକ ପତ୍ରିକା । ସେଥିରେ ମଉନା-ମଉନୀ ବୋଲି ଗୋଟିଏ ଗଳ୍ପ ଲେଖାଥିଲା,ସେଇଟା ପଢ଼ି ଶୁଣାଉଥିଲି ।*

***ଅଜା***-*ଆରେ,ଗେଜେଟରେ କ'ଣ ମିଛକଥା ଲେଖାହୁଏ ? ସେ ଗୁଡାକ ତୁ କାହିଁ ପଢୁ ? ମଲା ଯା ! ମୁ ଜାଣିଥିଲି ସରକାରରୁ ଯେତେ ଛପା ଗେଜେଟ୍ ଆସେ ,ସେଥିରେ ସବୁ ସତକଥା ଲେଖାଥାଏ । ତେବେ ଏଇଭଳି ମିଛକଥା ଗୁଡାଏ ଥାଏ ? ସେ ଗୁଡାକ ତୁ କାହିଁ ଫେରୁରେ ? ତୁମ ସ୍କୁଲରେ କ'ଣ ଏଇ ମିଛକଥାଗୁଡାକ ପଢ଼ା ହୁଏ ? ହେବ ନାହିଁ ? ମ୍ଲେଛ ପାଠ ତ ?"*

ଦ୍ୱିତୀୟତଃ,ସତ୍ୟଘଟଣା ଉପରେ ଆଧାରିତ 'ଅଜାନାତି କଥା'କୁ ଶିଳ୍ପଧର୍ମୀ ଦୃଷ୍ଟିରୁ ଆଦୌ ଗଳ୍ପ କୁହାଯାଇ ପାରିବନାହିଁ । ଏହାକୁ ଆମେ ଫକୀରମୋହନଙ୍କ ଏକ ରିପୋର୍ଟିଂ ଭାବରେ ନେଇ ପାରିବା, ଯଉଥିରେ ସାହିତ୍ୟର ସାମାନ୍ୟତମ ଛିଟା ପକାଇବାର ପ୍ରୟାସ କରିଯାଇଛି । ରିପୋର୍ଟିଂ ବା ଜର୍ନାଲିଜିମ୍ ମୁଖ୍ୟତଃ ସମାଜ ଚୈତନ୍ୟ ହୋଇଥିବା ବେଳେ ସାହିତ୍ୟର ବିଶିଷ୍ଟ ଲକ୍ଷଣ ହେଉଛି ଜୀବନ ଚୈତନ୍ୟ । 'ଅଜାନାତି କଥା'ରେ ଜର୍ନାଲିଜିମର ସମାଜ ଚୈତନ୍ୟ ଲକ୍ଷଣଟି ଦୃଶ୍ୟମାନ । ଯେହେତୁ ସାହିତ୍ୟ ଏକ ବିଶେଷ ପରିବେଶ ଓ କାଳଖଣ୍ଡରେ ଲିଖିତ ହୋଇଥାଏ ପୁଣି ସାହିତ୍ୟିକ ନିଜେ ସାମାଜିକ ପ୍ରାଣୀଟିଏ ହୋଇଥିବାରୁ ସାହିତ୍ୟରେ ସାମାଜିକ ଚୈତନ୍ୟ ରହିବା ସ୍ୱାଭାବିକ କଥା । ମାତ୍ର ସାହିତ୍ୟ ସମାଜ ଚୈତନ୍ୟରେ ସ୍ଥିର ରହିଯାଇ ଜୀବନ ଚୈତନ୍ୟ ଆଡକୁ ଉନ୍ନିତ ନହେଲେ ତାକୁ ରିପୋର୍ଟିଂ ହିଁ କୁହାଯିବ । ସେହି ଦୃଷ୍ଟିରୁ 'ଅଜାନାତି କଥା'କୁ ଏକ ରିପୋର୍ଟିଂ ବୋଲି କହିବା ।ଏହା ରିପୋର୍ଟିଂ ଶୈଳୀରେ ରଚନା କରାଯାଇଛି ତା ଅର୍ଥ ଏହା ନୁହଁ ଯେ ତାର କୌଣସି ଉପଯୋଗିତା ନାହିଁ । 'ଅଜାନାତି କଥା' ଏପରି ଏକ ରିପୋର୍ଟିଂ ଯେଉଁଥିରେ ତତ୍କାଳୀନ ଓଡିଶା ସାହିତ୍ୟରେ ନବଜାଗରଣର ରଶ୍ମିଟିଏ ନେଇ ସୃଷ୍ଟିଲାଭ କରିଥିବା ଗଦ୍ୟସାହିତ୍ୟର ବିଜୟବାର୍ତ୍ତା ପ୍ରକାଶିତ । ଗଦ୍ୟର ଆତ୍ମପ୍ରକାଶରୁ ଦୀର୍ଘବର୍ଷର ନିଶ୍ଚଳ ଅନ୍ଧବିଶ୍ୱାସ ବଦଳରେ କିପରି ବିଚାରବୋଧ ଓ ଯୌକ୍ତିକତା ପ୍ରସାର ଲାଭ କରିଛି, ଜାଗତିକ ଦୃଶ୍ୟବୋଧକୁ ଦେଖିବା ପାଇଁ ଖଞ୍ଜି ଦିଆଯାଇଥିବା ବିଶ୍ୱାସର ଧର୍ମୀୟଚକ୍ଷୁ ବଦଳରେ କିପରି ବିଜ୍ଞାନର ତାର୍କିକ ନୟନ ହଲେକୁ ଆପଣାଇବା ଆରମ୍ଭ ହୋଇଛି ଇତ୍ୟାଦିର ଉତ୍ତର ଆମେ ଅଜାନାତି କଥା'ରୁ ପାଇଯାଇଥାଉ । ସେହିସବୁ ଦୃଷ୍ଟିରୁ ଉତ୍କଳୀୟ ସାହିତ୍ୟରେ ନୂଆକରି ପାଦ ଥାପିଥିବା ଗଦ୍ୟସାହିତ୍ୟର ସଂଘର୍ଷ ଓ ମହତ୍ତ୍ୱ ପ୍ରତିପାଦିତ ହୋଇଥିବା 'ଅଜାନାତି କଥା'ର ଐତିହାସିକ ମହତ୍ତ୍ୱବୋଧକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ।

ତୃତୀୟତଃ, 'ଅଜାନାତି କଥା'ରେ ଦି'ଟା ଚେତନାର ସଂଘର୍ଷ ଦେଖିବାକୁ ମିଳେ। ଗୋଟିଏ ପାରମ୍ପରିକ ବିଶ୍ୱାସବୋଧର ଏବେ ଅନ୍ୟଟି ନବଜାଗୃତ ବିଚାରବୋଧର । ଫକୀରମୋହନଙ୍କ ଗଳ୍ପଜଗତକୁ ଦେଖିଲେ ଜାଣିପାରିବା ଯେ ଏହି ଚେତନାର ଦ୍ୱନ୍ଦ୍ୱ ତାଙ୍କ ପାଇଁ ଗୋଟାପଣେ ନୂଆ ନୁହଁ । ରେବତୀରୁ ଆରମ୍ଭ ହୋଇ ସଭ୍ୟଜମିଦାର,ଡାକମୁନସି ଯାଏଁ ଏହି ଚେତନରା ଲଢେଇ ଦୃଶ୍ୟମାନ ହୋଇଥାଏ, ଫରକ ଏତିକି ସେଗୁଡିକ ରସାଳ ଅଭିବ୍ୟକ୍ତିରେ ପ୍ରସ୍ଫୁଟିତ ହୋଇପାରିଲେ , 'ଅଜାନାତି କଥା' ରସ ସୌନ୍ଦର୍ଯ୍ୟ ଘେନି ବୈଚିତ୍ର୍ୟମୟତାକୁ ଆପଣାର କରି ନପାରି ଜର୍ନାଲିଜମ୍ ପାଲଟିଗଲା। ମାତ୍ର ଏକଥାକୁ ମଧ ଅସ୍ୱୀକାର କରାଯାଇ ପାରିବନି ଯେ 'ରେବତୀ' 'ଡାକମୁନସୀ' 'ଧୂଳିଆବାବା' 'ସଭ୍ୟ ଜମିଦାର' ପ୍ରଭୃତି ଗଳ୍ପ ଅପେକ୍ଷା ଗାଳ୍ପିକ ଫକୀରମୋହନ ଭେଟିଦବାକୁ ଚାହୁଁଥିବା ନବଜାଗରଣର ଅନୁଭବକୁ ସଫଳ ଓ ସାହାସିକତାର ସହ ପାଠକ ପାଖକୁ ସଞ୍ଚରିତ କରିପାରିଛି ସ୍ୱକୀୟ ଅଜାନାତିକଥାରେ।' ଏଥିରେ ଫକୀରମୋହନଙ୍କ ଅଭିବ୍ୟକ୍ତି ସଂଶୟ ମୁକ୍ତ ହେବାର ସୁଯୋଗ ପାଇଛି । ତେଣୁ ଏଇ ଲେଖାରେ ଫକୀରମୋହନ ଖୁବ୍ ଆଧୁନିକ ଆଧୁନିକ ଲାଗିନ୍ତି ।

**ତୃତୀୟତଃ,** 'ଅଜାନାତି କଥା'ରେ ଫକୀରମୋହନଙ୍କ ଆତ୍ମବ୍ୟକ୍ତିତ୍ୱର ସଫଳ ପ୍ରତିଫଳନ ଘଟିଛି । ଯେହେତୁ 'ଅଜାନାତି କଥା'ର ଶୈଳୀ ସଂଳାପଧର୍ମୀ ଫକୀରମୋହନଙ୍କ ବକ୍ତବ୍ୟ ସିଧାସଳଖ ଆଧୁନିକତାର ବାର୍ତ୍ତାବହ ନାତିଟୋକାର ମାଧ୍ୟମରେ ପରିପ୍ରକାଶ ଘଟିଛି । ନାତି ଗଣପତି ହିଁ ଫକୀର ମୋହନଙ୍କ ବ୍ୟକ୍ତିତ୍ୱର ପ୍ରତିଫଳନ ଏବଂ ତାର ଅଭିବ୍ୟକ୍ତି ହିଁ ଫକୀରମୋହନଙ୍କ ମରମର ଭାଷା । ତେଣୁ ନାତିଟୋକା ସାହିତ୍ୟ,ପୁରାଣ,ପତ୍ରିକା ସଂପର୍କୀୟ ଦେଇଥିବା ମନ୍ତବ୍ୟ ସ୍ୱୟଂ ଫକୀରମୋହନଙ୍କର। କିଛିକଥା ସିଧାସଳଖ ବକ୍ତବ୍ୟ ମାଧ୍ୟମରେ ଏବଂ କିଛିକଥା ବ୍ୟଙ୍ଗ, ବିଦ୍ରୂପ,କଟାକ୍ଷ ଓ ଇଙ୍ଗିତ ମାଧ୍ୟମରେ ନାତିଟୋକା ଦେଇଥିବା ବାର୍ତ୍ତା ହିଁ ଫକୀରମୋହନଙ୍କ ବାର୍ତ୍ତା ।

**ଚତୁର୍ଥତଃ,** ଊନବିଂଶ ଶତାବ୍ଦୀରେ ଇଂରେଜଙ୍କ ଦ୍ୱାରା ମୁଣ୍ଡଟେକିଥିବା ଶିକ୍ଷାନୀତି ଓ ନବ୍ୟଶିକ୍ଷିତଙ୍କୁ ନେଇ ରକ୍ଷଣଶୀଳଙ୍କର ଦୃଷ୍ଟିଭଙ୍ଗୀକୁ ମଧ ଅଜାନାତି କଥାରୁ ଜାଣିହୁଏ । ଅଜା ରାମ ଦ୍ୱିବେଦୀ ନାତି ପଢୁଥିବା ପାଠକୁ ମ୍ଲେଛପାଠ କହି କଟାକ୍ଷ କରିଛନ୍ତି ଏବଂ ସେହି ମ୍ଲେଛପାଠ ହିଁ ନବପିଢ଼ିର ଅଧୋଃପତନର ପ୍ରମୁଖ କାରଣ ଭାବରେ ଚିନ୍ତା କରିଛନ୍ତି । ନୂତନଶିକ୍ଷାକୁ ନେଇ ଅଜାଙ୍କ ଦୃଷ୍ଟିକୋଣ ହେଉଛି "ମୁ ଜାଣିଥିଲି ସରକାରରୁ ଯେତେ ଛାପା ଗେଜେଟ୍ ଆସେ ସେଥିରେ ସବୁ ସତକଥା ଲେଖାଥାଏ ।ତେବେ ଏଇଭଳି ମିଛକଥା ଗୁଡାଏ ଥାଏ ? ସେଗୁଡାକ ତୁ କାହିଁ ପଢୁରେ ? ତୁମ ସ୍କୁଲରେ କ'ଣ ଏଇ ମିଛକଥାଗୁଡାକ ପଢ଼ା ହୁଏ ? ହବ ନାହିଁ ? ମ୍ଲେଛ ପାଠ ତ ?' ପୁଣି-ତୁ କିମିତିକା ଓଲା ଟୋକାଟା ରେ । ହବ ନାହିଁ କାହିଁ ? ? ମ୍ଲେଛ ପାଠ ପଢ଼ି ତୁମମାନଙ୍କ ବୁଦ୍ଧି ବିଗିଡି ଯାଇଛି । "


© 2026 ଆଲୋକ ରଞ୍ଜନ ଷଡ଼ଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସାମଗ୍ରିକ ଭାବରେ 'ଅଜାନାତି କଥା'ରୁ ଫକୀରମୋହନଙ୍କ ସମକାଳରେ ଆରମ୍ଭ ହୋଇଥିବା ନବଚେତନାର ପ୍ରଭାବ ସହ ରଢ଼ିବାଦୀ ଚେତନାର ପ୍ରତିକ୍ରିୟା ସ୍ପଷ୍ଟ ଭାବରେ ଅନୁଭବ କରିପାରୁ । ନୂତନ ଭାବରେ ସୃଷ୍ଟି ଲାଭ କରିଥିବା ଗଦ୍ୟ ସାହିତ୍ୟ ଯେତେବେଳେ ମାଟିମଣିଷର ଅଧିକାର କଥା କହିଲା, ଆଧାମ୍ ଛାଡି ମାନବ ଧର୍ମରେ ଦୀକ୍ଷିତ ହବା କଥା କହିଲା,ସେତେବେଳେ ତାହା ହଜାର ହଜାର ବର୍ଷରୁ ଗଢିହୋଇ ଆସିଥିବା ପରମ୍ପରା ନାମକ ସ୍ଥାପତ୍ୟରେ କେମିତି କୁଠାରଘାତ କରିଛି 'ଅଜାନାତିକଥା' ତାର ଏକ ଐତିହାସିକ ଦଲିଲ୍ । କଳାତ୍ମକତାର ଗୌରବରୁ ବଞ୍ଚିତ ହେଲେ ହେଁ 'ଅଜାନାତିକଥା'ର ଭାଷା ଉଦ୍ଧାର । ସାହିତ୍ୟ କେବଳ ଗାନ ବା ଶ୍ରବଣ କରି ଆହ୍ଲାଦିତ ହବା ନୁହଁ ସାହିତ୍ୟ ହେଉଛି ମାନବଧର୍ମ ପାଳନ, ବିଶ୍ୱାସର ଅନ୍ଧାନୁସରଣ ନୁହଁ ବିଚାରର ନବନବ ଅନ୍ୱେଷଣ,ଏହା ହିଁ 'ଅଜାନାତି କଥା'ର ଅନ୍ତର୍ନିହିତ ଧ୍ୱନି ।

### ସହାୟକ ଗ୍ରନ୍ଥସୂଚୀ


1. କବି,ଅସିତ। ଫକୀରମୋହନଙ୍କ କୃତିରେ ସମକାଳୀନ ସମାଜ ଚିତ୍ର। ଗ୍ରନ୍ଥମନ୍ଦିର, ୧୯୮୫।
2. ଦାଶ, ଦେବେନ୍ଦ୍ର କୁମାର। (ସଂ) ଫକୀରମୋହନ ସେନାପତିଙ୍କ ଗଳ୍ପ ସମଗ୍ର। ଏନ୍. ବି. ଟି, ୨୦୨୨।
3. ଦାଶ ସର୍ବେଶ୍ୱର। ଯୁଗସ୍ରଷ୍ଟା ଫକୀରମୋହନ।ଗ୍ରନ୍ଥ ମନ୍ଦିର, ୧୯୮୩।
4. ଦାଶ, ଗଗନେନ୍ଦ୍ର ନାଥ। ସରସ୍ୱତୀ ଫକୀରମୋହନ : ସାହିତ୍ୟ ଓ ବ୍ୟକ୍ତିତ୍ୱ। ଗ୍ରନ୍ଥ ମନ୍ଦିର, ୨୦୦୭।
5. ପଟ୍ଟନାୟକ, କଇଳାଶ।(ସଂ) ଫକୀରମୋହନ ଗଳ୍ପମାଳା। ଫ୍ରେଣ୍ଡସ ପବ୍ଲିସର୍ସ, ୧୯୯୯।
6. ଶତପଥୀ, ବାଳକୃଷ୍ଣ। କୃତି ଓ କୃତିତ୍ୱ। ନିଗମ ବୁକ ଷ୍ଟୋର,୧୯୭୪।
7. ସାମନ୍ତରାୟ, ନଟବର। ଫକୀରମୋହନ ସାହିତ୍ୟ ସମୀକ୍ଷା। ଗ୍ରନ୍ଥାଳୟ,୧୯୮୪।
8. ଷଡ଼ଙ୍ଗୀ, ନୃସିଂହ। ଫକୀରମୋହନଙ୍କ ଗଳ୍ପ ଜଗତ-ଶିଳ୍ପରୀତି। ଏସ. ବି. ପବ୍ଲିକେସନ,୧୯୯୧।



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–NonCommercial–NoDerivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.


**About the Author**



**ଅଧ୍ୟାପକ ଆଲୋକ ରଞ୍ଜନ ଷଡଙ୍ଗୀ** - ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ସମର୍ପିତ ଜଣେ ଶ୍ରଦ୍ଧେୟ ସାରସ୍ୱତ ସାଧକ। ବର୍ତ୍ତମାନ ସେ ଢେଙ୍କାନାଳର ପ୍ରସିଦ୍ଧ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ଅଧ୍ୟାପନା କରିବା ସହ ଓଡ଼ିଆ ସାହିତ୍ୟର ସମୃଦ୍ଧି ପାଇଁ ନିରନ୍ତର ଚେଷ୍ଟାରତ। ଶବ୍ଦର ଗାମ୍ଭୀର୍ଯ୍ୟ ଏବଂ ନୂତନ ଚିନ୍ତାଧାରାର ମନନଶୀଳତା ତାଙ୍କ ଲେଖନୀକୁ ଅତ୍ୟନ୍ତ ଆକର୍ଷଣୀୟ ଓ ନିଆରା କରିପାରିଛି। ତାଙ୍କର ଅନେକ ପ୍ରବନ୍ଧ ବହୁ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ।


© 2026 ଆଲୋକ ରଞ୍ଜନ ଷଡ଼ଙ୍ଗୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/